Total Pages—6

# IV-UG—Odia-C1-Maj-P-VIII

## UG 4th Semester Examination, 2026

## ODIA

*Full Marks* : 100

*Time* : 3 hours

Answer **all** questions

*The figures in the right-hand margin indicate marks*

### 'କ'—ବିଭାଗ

୧। *ସମସ୍ତ* ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ପ୍ରଦାନ କର : ୧ × ୧୦

(କ) 'ମୃତ୍ୟୁ ସଂପର୍କରେ' କବିତାରେ କେଉଁ ନାରୀବନ୍ଧୁଙ୍କ କଥା କବି କହିଛନ୍ତି ?

(ଖ) ଏହି ମର୍ତ୍ତ୍ୟ ସଂସାରରେ ଦୀନ ଅକିଞ୍ଚନ ବୋଲି କବି କାହାକୁ କହିଛନ୍ତି ?

(ଗ) 'ତପସ୍ୱିନୀ'ର ତୃତୀୟ ସର୍ଗ କେଉଁ ରାଗରେ ରଚିତ ?

(ଘ) ଭୀମର କଠୋର ମହାଗଦାକୁ କାଳ କିପରି ଗ୍ରାସ କରିବା କଥା 'ମହାଯାତ୍ରାରେ' କବି କହିଛନ୍ତି ?

(ଙ) କବିଙ୍କୁ କ'ଣ କଷ୍ଟ ଦେଇଥିବା କଥା କବି 'ଶେଫାଳି ପ୍ରତ' କବିତାରେ କହିଛନ୍ତି ?

(ଚ) ପ୍ରତିମାନାୟକ କେଉଁଥିରେ ଏମ୍.ଏ. ପଢୁଥିଲା ?

(ଛ) ''ଉଠ୍‌ରେ ପୁତ ଉଠ୍, ଉଠ୍ ପୂରିଲାଣି ମାଣ''-କେଉଁ କବିତାର ଅଂଶବିଶେଷ ?

(ଜ) ବାଙ୍କି ଭୂପତି କିପରି ପ୍ରାଣ ତେଜିଥିଲେ ?

(ଝ) 'ବାରିଦ' କହିଲେ କାହାକୁ ବୁଝାଏ ?

(ଞ) କର୍ଣ୍ଣର ଲକ୍ଷ୍ୟ କ'ଣ ଥିଲା ?

## 'ଖ'—ବିଭାଗ

2। ୫୦ଟି ଶବ୍ଦ ମଧ୍ୟରେ ଉତ୍ତର ଦିଅ (ପ୍ରତି ପ୍ରଶ୍ନର ଉତ୍ତର ବାଧତାମୂଳକ ଅଟେ) : ୨ × ୯





(କ) ଏ ଜଗତରେ ମହାଧନରେ ଧନୀ ବୋଲି କବି କାହାକୁ କହିଛନ୍ତି ?

(ଖ) ''ମାଟିର ଏ ଘଟ ନିଶ୍ଚେ ମିଶିବ ମାଟିରେ''-କିଏ, କାହାକୁ କେଉଁ ପ୍ରସଙ୍ଗରେ କହିଛନ୍ତି ?

(ଗ) ''ଦିବାନାଥଙ୍କର ଶୁଭ୍ର ଯବନିକା ସଜ୍ଜା''- କାହିଁକି ହୋଇଥିଲା ବୋଲି କବି କହିଛନ୍ତି ?

(ଘ) କୁନ୍ତଳାକୁମାରୀ ସାବତ ବାତାୟନ ପାଶେ ବସି କ'ଣ କଳ୍ପନା କରିଛନ୍ତି ?

(ଙ) ''ଜାପାନୀ କାଗଜ ଫୁଲ ପରି ଦେହେ ବୟସର ଧୂଲି''-କାହିଁକି କୁହାଯାଇଛି ?

(ଚ) କାହାକୁ ଓ କାହିଁକି ମାଧା ବୋଲି ଥରେ ଡାକିବାକୁ କବିପ୍ରାଣ ବ୍ୟାକୁଳ ହୋଇଉଠିଛି ?

(ଛ) ସୂର୍ଯ୍ୟକାନ୍ତ ମଣି ସହଶ କିଏ, କେତେବେଳେ ଜଳି ଉଠିଥିଲେ ?

(ଛ) କର୍ଣ୍ଣ କାହାକୁ ଧର୍ମ ବୋଲି ସ୍ୱୀକାର କରିଛି ?

(ଜ) ଜୀବନ କାହାକୁ ଉପହାସ କରିଥିବା କଥା 'ମୃତ୍ୟୁ ସଂପର୍କରେ' କବିତାରେ କୁହାଯାଇଛି ?

## 'ଗ'—ବିଭାଗ

୩। ପ୍ରାୟତଃ ୨୫୦ ଶବ୍ଦ ମଧ୍ୟରେ ଉତ୍ତର ଦିଅ । (ଯେ କୌଣସି *ଆଠଟିର*) : ୫ × ୮

(କ) "ଅଞ୍ଚଳ ତା'ନାହିଁ ଦେହେ, ଦେଖିଅଛି ଖାକୀର ପୋଷାକ"- ଏହାର ଅଭିପ୍ରାଇ ବୁଝାଇ ଦିଅ ।

(ଖ) 'ବିଚ୍ଛେଦେ' କବିତାର ମର୍ମବାଣୀ ଉଲ୍ଲେଖ କର ।

(ଗ) "ଦୁଃଖୀ ପାଇଁ ସ୍ଥାନ କାହିଁ ସଂସାର ଗହଳେ"-ଏହା କେଉଁ ପ୍ରସଙ୍ଗରେ କବି କହିଛନ୍ତି ?

(ଘ) 'ସ୍ତୁତିଚିନ୍ତାମଣିର- ୩୭ଶ ବୋଲି ଅବଲମ୍ବନରେ ଗୁରୁବାଦ ତତ୍ତ୍ୱ ସଂପର୍କରେ ଆଲୋଚନା କର ।





(ଙ) "ତୋର ପରି କ୍ଷୁଦ୍ର ମୁହିଁ ତୋହପରି କ୍ଷଣିକ"-କହିବାର ତାତ୍ପର୍ଯ୍ୟ କ'ଣ ?

(ଚ) 'ଗ୍ରାମପଥ' କବିତାରୁ କବିଙ୍କର ଗ୍ରାମ୍ୟଜୀବନର ଅନୁଭବ ସଂପର୍କରେ ଉଲ୍ଲେଖ କର ।

(ଛ) 'ବୀରରାଣୀ ଶୁକଦେଇ' କବିତାରୁ ରାଣୀଙ୍କର ବୀରତ୍ୱର ପରିଚୟ ପ୍ରଦାନ କର ।

(ଜ) ମେଘ କାହିଁକି ସବୁବେଳେ ଅନ୍ୱେଷଣରତ ଥାନ୍ତି ?

(ଝ) "ଅର୍ଜୁନକୁ କର୍ଣ୍ଣତ୍ୱ ଗ୍ରାସିଛି"-କେଉଁ ପ୍ରସଙ୍ଗରେ କବି କହିଛନ୍ତି ?

(ଞ) କବୟତ୍ରୀ ବ୍ରହ୍ମୋତ୍ରୀ ମହାନ୍ତିଙ୍କ ମୃତ୍ୟୁଚେତନା ସଂପର୍କରେ ଉଲ୍ଲେଖ କର ।

## 'ଘ'—ବିଭାଗ

୪। ପ୍ରାୟତଃ ୮୦୦ ଶବ୍ଦ ମଧ୍ୟରେ ଉତ୍ତର ଦିଅ (ଯେ କୌଣସି *୪ଟିର*) : ୮ × ୪

(କ) 'ମହାଯାତ୍ରା'ର ପ୍ରଥମ ସର୍ଗ ଅବଲମ୍ବନରେ କବିଙ୍କର ଦାର୍ଶନିକ ଦୃଷ୍ଟିଭଙ୍ଗୀର ପରିଚୟ ପ୍ରଦାନ କର ।

(ଖ) 'ଶଫାଳି ପ୍ରତି' କବିତାର ସ୍ୱର ସଂପର୍କରେ ଆଲୋଚନା କର ।

(ଗ) ଆଧୁନିକ କବିତା ଭାବେ 'ପ୍ରତିମାନାୟକ' କିବତାକୁ ବିଚାର କର ।

(ଘ) 'ଗ୍ରାମପଥ' କବିତାର ଅନ୍ତଃସ୍ୱର ସଂପର୍କରେ ଆଲୋଚନା କର ।

(ଙ) ଏକ ସଫଳ ମିଥଧର୍ମୀ କବିତା ଭାବେ 'କର୍ଣ୍ଣ' କବିତାକୁ ମୂଲ୍ୟାୟନ କର ।

---